بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୩ ମାର୍ଚ୍ଚ ୨୦୨୬ ଖୁତ୍‌ବା ଜୁମ୍ମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଈଶ୍ୱରଙ୍କ ଏକତ୍ୱ ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପବିତ୍ର ଜୀବନୀ ସଂକ୍ରାନ୍ତରେ ଦୁଇଟି ଜୁମ୍ମା ପୂର୍ବରୁ ମୁଁ ହୁଜୁର[ସ.ଅ]ଙ୍କର ଏକେଶ୍ୱରବାଦ ପ୍ରତି ରହିଥିବା ଉତ୍କଣ୍ଠା ଓ ଆସକ୍ତି ଭାବର ଚର୍ଚ୍ଚା କରିଥିଲି । ଏହା ସେହି ଉଦ୍ଦେଶ୍ୟ ଥିଲା, ଯାହାର ସ୍ଥାପନ ନିମନ୍ତେ ହୁଜୁର[ସ.ଅ] ଏହି ଭବ ସଂସାରକୁ ଆସିଥିଲେ । ଏହି ଏକେଶ୍ୱରବାଦର ସ୍ଥାପନ କେବଳ ମହାଭାଗଙ୍କ ଆଚରଣ ଓ ଉଚ୍ଚାରଣରୁ ପ୍ରକଟ ହେଉ ନଥିଲା, ବରଂ ମହାଭାଗ ନିଜ ଅନୁଚର ସାହାବାମାନଙ୍କ ଠାରେ ତଥା ନିଜ ମାନ୍ୟକାରୀଙ୍କ ମଧ୍ୟରେ ଏକେଶ୍ୱରବାଦର ଏପରି ଆତ୍ମା-ସଂଚାର କରିଦେଇଥିଲେ, ଯେ ସେମାନେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ପାଇଁ ସର୍ବଦା ପ୍ରସ୍ତୁତ ରହୁଥିଲେ, ଯାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ ।

ଆଜି ମଧ୍ୟ ମୁଁ ହୁଜୁର[ସ.ଅ]ଙ୍କ ପବିତ୍ର ଜୀବନୀ ପ୍ରସଙ୍ଗରେ କିଛି ସାହାବାଙ୍କ ବଳିଦାନର ଆଲୋଚନା କରିବି । ଏକଦା ମକ୍କାର ଅମାନ୍ୟକାରୀ ମହାଭାଗଙ୍କୁ କହିଲେ; କ'ଣ ତୁମେ ଆମ ଇଷ୍ଟ ଦେବତାମାନଙ୍କୁ ଏସବୁ (ନିନ୍ଦନୀୟ) କଥା କହୁ ନାହଁ ? ହୁଜୁର[ସ.ଅ] ଉତ୍ତର ଦେଲେ; ହଁ ! ଏଥିରେ ସେମାନେ ମହାଭାଗଙ୍କୁ ଚର୍ତୁପାଶ୍ୱରୁ ଘେରିଗଲେ । ସେତେବେଳେ କେହି ଜଣେ ହଜରତ ଅବୁବକର[ର.ଅ]ଙ୍କୁ ସୂଚନା ଦେଲେ, ଯାଇ ନିଜ ବନ୍ଧୁଙ୍କ କଥା ବୁଝ ଅର୍ଥାତ୍ ଅମାନ୍ୟକାରୀଙ୍କ କବଳରୁ ତାଙ୍କୁ ଉଦ୍ଧାର କର । ହଜରତ ଅବୁବକର୍[ର.ଅ] ବାହାରିଲେ ଓ **ମସଜିଦ୍ ହରାମ୍**ରେ ପହଞ୍ଚିଲେ । ସେ ପୁଣ୍ୟଶ୍ଳୋକଙ୍କୁ ଏପରି ଅବସ୍ଥାରେ ପାଇଲେ ଯେ ଅମାନ୍ୟକାରୀମାନେ ହୁଜୁର[ସ.ଅ]ଙ୍କୁ ଘେରି ନେଇଥିଲେ । ଏହା ଦେଖି ସେ କହିଲେ; **ଆ'ତକ୍‌ତୁଲୁ ରଜୁଲନ୍ ଅଇଁୟକୁଲା ରବିୟଲ୍ଲାହୁ ଓକଦ୍ ଜା'ଆକୁମ୍ ବିଲ୍ ବୈୟନାତି ମିର୍‌ରବ୍‌ବିକୁମ୍** ଅର୍ଥାତ୍ ତୁମର ଅନିଷ୍ଟ ହେଉ । କ'ଣ ତୁମେ ଏଥିପାଇଁ ଜଣେ ଲୋକଙ୍କୁ ହତ୍ୟା କରିବାକୁ ବସିଛ, ଯେହେତୁ ସେ କହୁଛନ୍ତି ଯେ ଅଲ୍ଲାଃ ମୋର ପାଳନକର୍ତ୍ତା । ଏଥିରେ ସେମାନେ ପୁଣ୍ୟଶ୍ଳୋକଙ୍କୁ ତ ଛାଡ଼ିଦେଲେ । କିନ୍ତୁ ହଜରତ ଅବୁବକର୍[ର.ଅ]ଙ୍କୁ ଧରି ନେଲେ ଓ ତାଙ୍କୁ ମାରିବାକୁ ଲାଗିଲେ । ହଜରତ ଅବୁବକର୍[ର.ଅ]ଙ୍କ କନ୍ୟା କୁହନ୍ତି; ମୋ ପିତା (ସେଠାରୁ) ଘରକୁ ଏପରି ଅବସ୍ଥାରେ ଫେରିଲେ, ଯେ ଆପଣ[ର.ଅ]ଙ୍କ କେଶକୁ ଧରିବା ମାତ୍ରେ ତାହା ହାତରେ ଆସି ଯାଉଥିଲା । ଶତ୍ରୁମାନେ ତାଙ୍କ କେଶକୁ ଧରି ଜୋରରେ ଝିଙ୍କିବା ଯୋଗୁଁ ତାଙ୍କର ଏପରି ଦୟନୀୟ ଅବସ୍ଥା ହୋଇଯାଇଥିଲା ।

ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରନ୍ତି, ଏକଦା ମହାଭାଗ ବଜାରରୁ ଅତିକ୍ରମ କରୁଥିଲେ ଯେ ମକ୍କାର କିଛି ଦୁର୍ବୃତ୍ତ ଦଳ ମହାଭାଗଙ୍କ ପଛରେ ପଡିଗଲେ ଓ ସମ୍ପୂର୍ଣ୍ଣ ରାସ୍ତା ଏହା କହି ମହାଭାଗଙ୍କ ପବିତ୍ର ଗଳାକୁ ଚାପୁଡ଼ା ମାରୁଥିଲେ ଯେ ହେ ଲୋକମାନେ ! ଏ ସେହି ବ୍ୟକ୍ତି ଯିଏ କହୁଅଛି କି ମୁଁ ଜଣେ ନବୀ । ପୁଣ୍ୟଶ୍ଳୋକଙ୍କ ଘରକୁ ଆଖପାଖ ଘରୁ କ୍ରମାଗତ ଭାବରେ ପଥର ଫିଙ୍ଗା ଯାଉଥିଲା ଏବଂ ପୁଣ୍ୟଶ୍ଳୋକଙ୍କ ଘରକୁ ଅଳିଆ ବି ଫିଙ୍ଗା ଯାଉଥିଲା । ଏପରିକି ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ସ୍ଥାନରେ ମଧ୍ୟ ଆବର୍ଜନା ଫିଙ୍ଗି ଦିଆଯାଉଥିଲା । କିନ୍ତୁ ଶତ ସହସ୍ର **ଦରୁଦ୍** (ଆଶିଷ ଅବତୀର୍ଣ୍ଣ) ହେଉ ସେହି ମହାନ ଅବତାରଙ୍କ ପବିତ୍ର ଅସ୍ତିତ୍ୱ ଉପରେ ଯାହାଙ୍କ ପବିତ୍ର ବକ୍ଷରେ ଏକେଶ୍ୱବାଦର ସ୍ଥାପନ ନିମନ୍ତେ ଯେଉଁ

ଅଗ୍ନି ଶିଖା ପ୍ରଜ୍ୱଳିତ ଥିଲା, ତାହା କ୍ଷଣକ ପାଇଁ ମଧ୍ୟ ଶିଥିଳ ପଡି ନଥିଲା । ବରଂ ସେ ସମସ୍ତ କଷ୍ଟ ଓ ଯାତନାକୁ ସହୃଦୟରେ ତଥା ଅତି ଆନନ୍ଦର ସହ ସ୍ୱୀକାର କରି ନେଇଥିଲେ । **ଆଉ ମାନବଜାତି ପ୍ରତି ତାଙ୍କର ଅସରନ୍ତି ପ୍ରେମ, ଦୟା ଓ ଅନୁଗ୍ରହରେ ତିଳେ ମାତ୍ର ହ୍ରାସ ଘଟି ନଥିଲା** । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏକଦା ମହାଭାଗ **ମସଜିଦ୍ ହରାମ୍**ରେ ଛିଡ଼ା ହେଲେ ଓ ଅମାନ୍ୟକାରୀ ମକ୍କାବାସୀଙ୍କୁ ସମ୍ବୋଧନ କରି କହିଲେ; ତୁମେମାନେ କୁହ **ଲାଇଲାହା ଇଲ୍ଲଲ୍ଲାଃ** "ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ।" ତେବେ ତୁମେ କୃତକାର୍ଯ୍ୟ ହୋଇଯିବ । ଏଥିରେ କୁରୈଶ୍ ଆପଣଙ୍କୁ ଘେରିନେଲେ । ହାରିସ୍ ବିନ୍ ଅବି ହାଲା ସର୍ବପ୍ରଥମେ ହୁଜୁର[ସ.ଅ]ଙ୍କ ନିକଟରେ ପହଞ୍ଚିଲେ । ହାରିସ୍ ମହାଭାଗଙ୍କୁ ରକ୍ଷା କରିବା ପାଇଁ ସେହି ଦୁର୍ଜନମାନଙ୍କ ସହିତ ଲଢ଼ିବା ଆରମ୍ଭ କରିଦେଲେ ଓ ସେମାନଙ୍କୁ ହୁଜୁର[ସ.ଅ]ଙ୍କ ଠାରୁ ପୃଥକ କରିଦେଲେ । କିନ୍ତୁ ଏଥିରେ ସେ ସଭିଏଁ ହାରିସ୍ଙ୍କ ଉପରେ ମାଡ଼ି ବସିଲେ । ଏପରିକି ତାଙ୍କୁ ଶହିଦ୍ କରିଦେଲେ । ଅମାନ୍ୟକାରୀ ମକ୍କାବାସୀ ତିନି ବର୍ଷ ପର୍ଯ୍ୟନ୍ତ ପୁଣ୍ୟଶ୍ଳୋକ ଓ ତାଙ୍କ ବଂଶଜଙ୍କୁ ଶୌଏବ୍ ଅବି ତାଲିବ୍ରେ ଏପରି ବନ୍ଦୀ କରି ରଖିଲେ, ଯେ ସମସ୍ତ ପ୍ରକାରର ସାମାଜିକ ଓ ଅତ୍ୟାବଶ୍ୟକ ସୁବିଧା ସୁଯୋଗରୁ ସେମାନଙ୍କୁ ବାସନ୍ଦ ରଖିଲେ । ତାହା ଶେଷ ହେବା ପରେ ମଧ୍ୟ ହୁଜୁର[ସ.ଅ] ଏକେଶ୍ୱରବାଦର ପ୍ରଚାର କରିବାରୁ ବିରତ ରହି ନଥିଲେ, ବରଂ ପ୍ରଚାର କାର୍ଯ୍ୟ ପୂର୍ବ ଅପେକ୍ଷା ଅଧିକ ତୀବ୍ର କରି ତାହାକୁ ସର୍ବସାଧାରଣ ପାଇଁ ସାମାନ୍ୟ କରିଦେଲେ ।

ଇତିହାସ ପୃଷ୍ଠାରେ ହଜରତ ମୁହମ୍ମଦ[ସ.ଅ]ଙ୍କର ତାଇଫ୍ ଯାତ୍ରାର ପ୍ରସିଦ୍ଧ ଘଟଣା ମଧ୍ୟ ଉଲ୍ଲେଖ ରହିଛି । ସେଠାରେ ମହାଭାଗଙ୍କ ଉପରେ ଯେଉଁ ଅତ୍ୟାଚାର କରାଯାଇଥିଲା, ତାହା ଇତିହାସରେ ଭିନ୍ନ ଭିନ୍ନ ଶୈଳୀରେ ବର୍ଣ୍ଣିତ ରହିଛି । ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି, ଯେତେବେଳେ ଶୌଏବ୍ ଅବି ତାଲିବ୍ର ଘେରାଉ ଉଚ୍ଛେଦ କରାଗଲା ସେତେବେଳେ ହୁଜୁର[ସ.ଅ] ମନସ୍ଥ କଲେ, ତାଇଫ୍ ଯାଇ ସେଠାକାର ବାସିନ୍ଦାଙ୍କୁ ଇସଲାମ୍ ପ୍ରତି ଆମନ୍ତ୍ରିତ କରିବେ । ସୁତରାଂ ମହାଭାଗ ତାଇଫ୍ ଅଭିମୁଖେ ପ୍ରସ୍ଥାନ କଲେ ଓ ସେଠାରେ ଦଶଦିନ ଅବସ୍ଥାନ କଲେ ଏବଂ ସହରର ଅନେକ ଧନାଢ଼୍ୟ ଓ ସମ୍ଭ୍ରାନ୍ତ ବର୍ଗଙ୍କ ସହିତ ଜଣ ଜଣ କରି ସାକ୍ଷାତ କଲେ । କିନ୍ତୁ ସେହି ସହରର ଭାଗ୍ୟରେ ମଧ୍ୟ ମକ୍କାବାସୀଙ୍କ ପରି ଇସଲାମ ଧର୍ମ ଗ୍ରହଣ କରିବା, ନିୟତ ନଥିଲା । ଶେଷରେ ମହାଭାଗ ତାଇଫ୍ର ସବୁଠାରୁ ବଡ ଧନାଢ଼୍ୟ ଓ ପ୍ରମୁଖ ନେତା ନିକଟକୁ ଗଲେ ଓ ତାଙ୍କୁ ଇସଲାମ୍ର ସନ୍ଦେଶ ଦେଲେ । କିନ୍ତୁ ସେ ହତଭାଗା ମଧ୍ୟ ସଫା ସଫା ମନା କରିଦେଲା ଓ କହିଲା, ଭଲ ହେବ ଆପଣ ଏଠାରୁ ଚାଲିଯାନ୍ତୁ । ତା'ପରେ ସେ ଦୁର୍ଜନ ସହରର ଦୁର୍ବୃତ୍ତ ବ୍ୟକ୍ତିମାନଙ୍କୁ ମହାଭାଗଙ୍କ ପଛରେ ଲଗାଇଦେଲା । ସେମାନେ ଚିତ୍କାର କରି କରି ମହାଭାଗଙ୍କ ପିଛା କଲେ ଓ ମହାଭାଗଙ୍କ ଉପରକୁ ଟେକାପଥର ନିକ୍ଷେପ କରିବା ଆରମ୍ଭ କରିଦେଲେ । ଯଦ୍ଦ୍ୱାରା ହୁଜୁର[ସ.ଅ]ଙ୍କ ସମ୍ପୂର୍ଣ୍ଣ ଶରୀର ରକ୍ତରଞ୍ଜିତ ହୋଇଗଲା । ତାଇଫ୍ ଠାରୁ ତିନି ମାଇଲ୍ ଦୂରତାରେ ମକ୍କାର ଜଣେ ସର୍ଦ୍ଦାର୍ ଉତ୍ବା ବିନ୍ ରବିୟାଙ୍କର ଏକ ବଗିଚା ଥିଲା । ମହାଭାଗ ସେଠାରେ ଶରଣ ନେଲେ ଓ ସେହି ଦୁରାଚାରୀମାନେ ସେପର୍ଯ୍ୟନ୍ତ ମହାଭାଗଙ୍କର ପିଛା କରିଥିଲେ ଓ ସେଠାରୁ ଥକି ଶେଷରେ ସେମାନେ ନିଜ ବସ୍ତି ଆଡ଼କୁ ଫେରିଗଲେ । (ମହାଭାଗଙ୍କ ଏପରି ଦୟନୀୟ ଅବସ୍ଥା ଦେଖି) ଉତ୍ବା ନିଜର ଏକ ଖ୍ରୀଷ୍ଟଧର୍ମୀ କ୍ରୀତଦାସ ଅଦାସ୍କୁ ଥାଳିରେ ଅଙ୍ଗୁର ଦେଇ ମହାଭାଗଙ୍କ ନିକଟକୁ ପଠାଇଲେ । ହୁଜୁର[ସ.ଅ] ଅଦାସ୍ଙ୍କୁ ତାଙ୍କର ନାମ ପଚାରିଲେ ଓ ପୁନଶ୍ଚ ପ୍ରଶ୍ନ କଲେ ତୁମେ କେଉଁ ଅଞ୍ଚଳର ? ସେ ଉତ୍ତର ଦେଲେ, ମୁଁ ନୈନ୍ଓ୍ୱା ନିବାସୀ । ଏଥିରେ ମହାଭାଗ କହିଲେ; ତୁମ ବସ୍ତିକୁ ଆସିଥିବା ନବୀ ହଜରତ ୟୁନୁସ୍ ବିନ୍ ମତାଙ୍କର ମୁଁ ଭ୍ରାତା । ତେବେ ସେଠାରେ କିଛି କ୍ଷଣ ଆରାମ କରିବା ପରେ ପବିତ୍ର ଅବତାର ସେଠାରୁ ଚାଲି ଆସିଥିଲେ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ମହାପୁରୁଷ ହଜରତ ମୁହମ୍ମଦ[ସ.ଅ] ଏକେଶ୍ୱରବାଦର ସ୍ଥାପନ କରିବା ସକାଶେ ମକ୍କାରେ ଏକାକୀ ଓ ସାମୂହିକ ଉଭୟ ସ୍ତରରେ ପ୍ରଚାର କାର୍ଯ୍ୟ ସମ୍ପାଦନ କରୁଥିଲେ । ଏପରିକି ହୁଜୁର[ସ.ଅ] ଆରବର ବଜାରକୁ ଚାଲି ଯାଉଥିଲେ ଓ ସେଠାରେ ଲୋକମାନଙ୍କୁ ଏକ ଅଲ୍ଲାଃଙ୍କ ଆଡ଼କୁ ଡ଼ାକରା ଦେଉଥିଲେ । ସେତେବେଳେ ମକ୍କା ବାହାରେ ବିଭିନ୍ନ ସ୍ଥାନରେ ଲୋକମାନେ ଏକତ୍ରୀତ ହେଉଥିଲେ ଏବଂ ତାହାକୁ **ଅସ୍ଓ୍ୱାକୁଲ୍ ଆରବ୍** (ଆରବର ବଜାର) କୁହାଯାଉଥିଲା । ସେମାନଙ୍କ ମଧ୍ୟରେ ଉକାୟ୍, ମଜନ୍ନା ଓ ଜୁଲ୍ ମଜାୟ୍ ଆଦି ଆରବର ବଜାର ଅନ୍ତର୍ଭୁକ୍ତ ଥିଲା । ହଜରତ ଜାବିର୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] **ହଜ୍**ର ଦିନମାନଙ୍କରେ ଉକାୟ୍ ଓ ମଜନ୍ନା ମେଳାକୁ ଚାଲି ଯାଉଥିଲେ

ଏବଂ ଲୋକମାନଙ୍କ ଆବାସ ସ୍ଥାନରେ ପହଞ୍ଚି ତାଙ୍କୁ ଇସଲାମ୍ ପ୍ରତି ଆମନ୍ତ୍ରିତ କରୁଥିଲେ । ହୁଜୁର[ସ.ଅ] କହୁଥିଲେ, କିଏ ଅଛି ଯିଏକି ମୋତେ ସୁରକ୍ଷା ପ୍ରଦାନ କରିବ ଓ କିଏ ମୋର ସାହାଯ୍ୟ କରିବ ? ଯଦ୍ଧାରା ମୁଁ ନିଜ ପାଳନକର୍ତ୍ତାଙ୍କ ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇ ପାରିବି । କୁରୈଶ ମକ୍କା ଏକ ପାର୍ଶ୍ୱରେ ପୁଣ୍ୟଶ୍ଳୋକଙ୍କୁ ଇସଲାମ୍‌ର ପ୍ରଚାର କରିବାରୁ ନିବୃତ୍ତ ରଖିବାକୁ ଅହରହ ଉଦ୍ୟମ କରୁଥିଲେ । ଅପର ପାର୍ଶ୍ୱରେ ଇସଲାମ୍ ଧର୍ମ ଗ୍ରହଣ କରୁଥିବା ବିଶ୍ୱାସକାରୀଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ଓ ନିର୍ଶଂସର ବଜାର ଏପରି ଉଷ୍ମ କରି ରଖିଥିଲେ, ଯାହାକୁ କଲମ ମୁନରେ ଉଲ୍ଲେଖ କରିବା ସମ୍ଭବ ନୁହେଁ । ଯେପରିକି ହଜରତ ବିଲାଲ୍ ବିଶ୍ୱାସ ଆଣିବା ଫଳରେ ତାଙ୍କର ମାଲିକ ତାଙ୍କୁ ଧରି ଭୂମିରେ ଶୁଆଇ ଦେଉଥିଲା ଓ ତାଙ୍କ ଉପରେ ପଥର ବର୍ଷଣ କରୁଥିଲା ତଥା ତାଙ୍କ ଉପରେ ଗାଈର ଚମଡ଼ା ପକାଇ କହୁଥିଲା ତୁମ ପରମେଶ୍ୱର ଲାତ୍ ଓ ଉଜା । କିନ୍ତୁ ସେ **ଅହଦ୍ ଅହଦ୍** ହିଁ କହୁଥିଲେ । ଏହି ନିଷ୍ଠୁର ଓ ଅତି କୃର ନିର୍ଯ୍ୟାତନା ଦେଖି ହଜରତ ଅବୁବକର୍[ର.ଅ] ତାଙ୍କୁ ସାତ ଓ୍ୱକିୟା ଅର୍ଥାତ୍ ୨୮୦ଦିରହମ୍‌ରେ ଖରିଦ କରି ସ୍ୱାଧୀନ କରିଦେଇଥିଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; କୁରୈଶ ମକ୍କା କେବଳ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରୁ ନଥିଲେ, ବରଂ ହୁଜୁର[ସ.ଅ]ଙ୍କ ପବିତ୍ର ଅସ୍ତିତ୍ୱ ମଧ୍ୟ କୌଣସି ମତେ ସୁରକ୍ଷିତ ନଥିଲା । ବରଂ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କୁ ତ ସବୁଠାରୁ ଅଧିକ ଦୁଃଖକଷ୍ଟ ଓ ଯାତନା ସହ୍ୟ କରିବାକୁ ପଡିଥିଲା । ଦେଖ ମହାଭାଗଙ୍କ ନାମ ମୁହମ୍ମଦ ଥିଲା, ଏହି ନାମକୁ ବିଗାଡ଼ି ଅବିଶ୍ୱାସକାରୀମାନେ ହୁଜୁର[ସ.ଅ]ଙ୍କୁ **ମୁଜମ୍ମମ୍** ନାମରେ ସମ୍ବୋଧିତ କରୁଥିଲେ **ନଉଜୁବିଲ୍ଲାଃ** । ଯାହାର ଅର୍ଥ ସର୍ବାଧିକ ଅପମାନିତ ବ୍ୟକ୍ତି । **ନଉଜୁବିଲ୍ଲାଃ** । ସେମାନେ ହୁଜୁର[ସ.ଅ]ଙ୍କୁ ମିଥ୍ୟାବାଦୀ, ପ୍ରତାରକ, ଠକ, ଲୋଭି, କପଟି ଓ ବିଶ୍ୱାସଘାତୀ ଇତ୍ୟାଦି ମଧ୍ୟ କହୁଥିଲେ । ମହାଭାଗଙ୍କୁ ପଥର ମାରୁଥିଲେ ଓ ତାଙ୍କ ଉପରକୁ ଅଳିଆ ଆବର୍ଜନା ଫିଙ୍ଗି ଦେଉଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହି ଆରବୀ ନବୀ ଯାହାଙ୍କ ନାମ ମୁହମ୍ମଦ[ସ.ଅ] ତାଙ୍କୁ ମୁଁ ସର୍ବଦା ବିସ୍ମୟକର ଦୃଷ୍ଟିରେ ଦେଖେ (ସହସ୍ର ସହସ୍ର ଶାନ୍ତି ଓ ଆଶିଷ ତାଙ୍କ ଉପରେ ବିରାଜିତ ହେଉ) ସତରେ ସେ କେତେ ଉଚ୍ଚକୋଟୀର ରସୁଲ ଥିଲେ ! ତାଙ୍କ ଉଚ୍ଚାସନର ଶେଷସୀମାକୁ କେହି ଅନୁମାନ କରିପାରିବେ ନାହିଁ । ଦୁଃଖଦ ! ଯେପରି ତାଙ୍କ ଉତ୍କର୍ଷ ଏବଂ ମହତକୁ ଚିହ୍ନିବାର ଥିଲା, ସେହି ପଦମର୍ଯ୍ୟାଦାକୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ । **ସେହି ଏକେଶ୍ୱରବାଦ ଯାହାକି ଧରାପୃଷ୍ଠରୁ ଅଦୃଶ୍ୟ ହୋଇଯାଇଥିଲା, ସେହି ମହାବିଜୟୀ ଯୋଦ୍ଧା ତାହାକୁ ପୁନର୍ବାର ସଂସାରରେ ସ୍ଥାପନ କରିଦେଲେ** । ସେ ଖୁବ୍ ଗଭୀର ଭାବରେ ଅଲ୍ଲାଃଙ୍କୁ ପ୍ରେମ କରୁଥିଲେ ଏବଂ ମାନବଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରେ ତାଙ୍କ ପ୍ରାଣ ଅତିବ କୋମଳ ହୋଇ ଉଠୁଥିଲା । ସେଥିଲାଗି ଅଲ୍ଲାଃ ଯେ କି ତାଙ୍କ ହୃଦୟରେ ଲୁକ୍କାୟିତ ସଦ୍‌ଗୁଣାବଳୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ରୂପେ ଅବଗତ ଥିଲେ । ସେ ତାଙ୍କୁ ସମସ୍ତ ରସୁଲଙ୍କ ଉପରେ ତଥା ଅତୀତ ଓ ଭବିଷ୍ୟତର ସମସ୍ତ ଲୋକଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କଲେ ଏବଂ ତାଙ୍କ ପବିତ୍ର ଜୀବନ କାଳରେ ତାଙ୍କ ମନସ୍କାମନାକୁ ପୂରଣ କରିଦେଲେ । ସେ ହିଁ ସକଳ କଲ୍ୟାଣର ଉତ୍ସ, ତେଣୁ ଯେଉଁ ବ୍ୟକ୍ତି ତାଙ୍କୁ ଗ୍ରହଣ ନକରି କୌଣସି ପ୍ରକାର ଶ୍ରେଷ୍ଠତାର ଦାବି କରିଥାଏ ତେବେ ସେ ମନୁଷ୍ୟ ନୁହେଁ, ବରଂ ଶୈତାନର ସନ୍ତାନ । କାରଣ ସକଳ କଲ୍ୟାଣର ଚାବିକାଠି କେବଳ ଏକା ତାଙ୍କ ନିକଟରେ ରହିଛି । ପ୍ରତ୍ୟେକ ପ୍ରକାରର ଆଧ୍ୟାତ୍ମିକ ଜ୍ଞାନର ଭଣ୍ଡାର ତାଙ୍କୁ ହିଁ ପ୍ରଦାନ କରାଯାଇଛି । ଯେ ତାଙ୍କ ମାଧ୍ୟମରେ ଲାଭ କରିପାରୁ ନାହିଁ, ସେ ଚିରକାଳ ବଞ୍ଚିତ ରହିବ । ଆମେ ବା କିଏ ଓ ଆମର କ'ଣ ବା ବାସ୍ତବିକତା । ଆମେ ପୁରସ୍କାରର ଅସ୍ୱୀକାରୀ ହୋଇଯିବୁ ଯଦି ଏହି ପ୍ରସଙ୍ଗର ସ୍ୱୀକାର ନକରୁ କି ପ୍ରକୃତ ଏକେଶ୍ୱରବାଦ ଆମ୍ଭେ ସେହି ନବୀଙ୍କ ମାଧ୍ୟମରେ ପ୍ରାପ୍ତ କଲୁ ଏବଂ ଜୀବିତ ଈଶ୍ୱରଙ୍କୁ ଆମେ ସେହି ନବୀଶରିରୋମଣୀଙ୍କ ଦ୍ୱାରା ଓ ତାଙ୍କ ପ୍ରକାଶରେ ଚିହ୍ନି ପାରିଲୁ । ଆଉ ସେହି ପବିତ୍ର ନବୀଙ୍କ ମାଧ୍ୟମରେ ଆମ୍ଭେ ପ୍ରଭୁଙ୍କ ସହିତ ସମ୍ଭାଷଣ ଓ ବାର୍ତ୍ତାଳାପର ଗୌରବ ଲାଭ କରି ତାଙ୍କ ଦର୍ଶନ କରୁଛୁ ।

ହୁଜୁର[ଅ.ସ] ଆହୁରୀ କହିଲେ; ସେହି ସୂର୍ଯ୍ୟ ରୂପୀ ମହାବତାରଙ୍କ କିରଣ ସୂର୍ଯ୍ୟରଶ୍ମି ପରି ଆମ ଉପରେ ପଡୁଅଛି । ଆମେମାନେ ସେପର୍ଯ୍ୟନ୍ତ ଉଜ୍ଜ୍ୱଳମୟ ରହିପାରିବା ଯେପର୍ଯ୍ୟନ୍ତ ଆମେ ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିଥିବା । ସେହି ଲୋକମାନେ ଯିଏକି ଏହି ଭ୍ରମ ଧାରଣାରେ ପଡି ରହିଛନ୍ତି, ଯେ ଯେଉଁବ୍ୟକ୍ତି ହଜରତ ମୁହମ୍ମଦ[ସ.ଅ]ଙ୍କୁ ଗ୍ରହଣ କରିବ ନାହିଁ ଅବା ତାଙ୍କ ଠାରୁ ବିମୁଖ ହୋଇଯିବ । କିନ୍ତୁ ଏକେଶ୍ୱରବାଦର ଘୋଷଣା କରି ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ମନେ କରିବ

ସେ ବି ମୁକ୍ତି ପ୍ରାପ୍ତ କରିନେବ । ତେବେ ହୁଜୁର[ସ.ଅ]ଙ୍କ ଉପରେ ବିଶ୍ୱାସ ନଆଣିଲେ ଅବା ବିପଥଗାମୀ ହେବା ସତ୍ତ୍ୱେ ସେହି ବ୍ୟକ୍ତିର କିଛି ହେଲେ କ୍ଷତି ହେବ ନାହିଁ.. ମୋକ୍ଷ ତ ଦୁଇଟି ପ୍ରସଙ୍ଗ ଉପରେ ନିର୍ଭରଶୀଳ । **ପ୍ରଥମତଃ** ଦୃଢ଼ ବିଶ୍ୱାସର ସହ ଈଶ୍ୱରଙ୍କ ସତ୍ତା ଓ ଏକେଶ୍ୱରବାଦରେ ଆସ୍ଥା ରଖିବା ଅର୍ଥାତ୍ ପ୍ରତିଷ୍ଠିତ ରହିବା । **ଦ୍ୱିତୀୟତଃ** ତାହା ହୃଦୟରେ ପରାକ୍ରମୀ ଅଲ୍ଲାଃଙ୍କ ପ୍ରତି ଏପରି ଅନାବିଳ ପ୍ରେମ ଉତ୍ପନ୍ନ ହେଉଥିବ ଯାହାର ପ୍ରଭୃତ୍ୱ ଓ ବିଜୟର ପରିଣାମ ସ୍ୱରୂପ ଅଲ୍ଲାଃଙ୍କ ଆଜ୍ଞା ପାଳନ କରିବା ତାହାକୁ ପ୍ରକୃତ ଆତ୍ମସନ୍ତୋଷ ପ୍ରଦାନ କରୁଥିବ । ଯାହା ବ୍ୟତୀରେକେ ସେ ଜୀବିତ ହିଁ ରହିପାରୁ ନଥିବ । ଈଶ୍ୱରପ୍ରେମ ତୁଳନାରେ ଅନ୍ୟମାନଙ୍କ ପ୍ରତି ରହିଥିବା ପ୍ରେମକୁ ସେ ତୁଚ୍ଛ ଓ ନଗଣ୍ୟ କରି ଦେଉଥିବ ତେବେ ଏହା ହିଁ ବାସ୍ତବିକ ଏକେଶ୍ୱରବାଦ । **ମନେରଖ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଅନୁଗାମୀ ହେବା ବ୍ୟତୀତ ତାହା କଦାପି ହାସଲ ହୋଇପାରିବ ନାହିଁ** । କାହିଁକି ହାସଲ ହୋଇପାରିବ ନାହିଁ ? ଏହାର ଉତ୍ତର ହେଉଛି, ଈଶ୍ୱରଙ୍କ ସତ୍ତା ପ୍ରଚ୍ଛନ୍ନ, ରହସ୍ୟମୟ ଓ ଗହ୍ୱର ଅନ୍ତରାଳରେ ଅଧିଷ୍ଠିତ । ଯାହାକି ମନୁଷ୍ୟର ବୁଦ୍ଧି-ଶକ୍ତି ତାହାକୁ ଆବିଷ୍କାର କରିପାରିବ ନାହିଁ । ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ସତ୍ତାର କୌଣସି ଅକାଟ୍ୟ ଦଲିଲ୍ ନାହିଁ । କାରଣ ବୁଦ୍ଧିଜ୍ଞାନ ଓ ଅନ୍ୱେଷଣ ମୂଳକ ଉଦ୍ୟମ ଏକ ସୀମା ପର୍ଯ୍ୟନ୍ତ ପରିବର୍ଦ୍ଧିତ । ଯାହାକି ଏହି ବିଶ୍ୱର ସୃଷ୍ଟି ପ୍ରତି ଦୃଷ୍ଟି ନିକ୍ଷେପ କରି ତାହାର ସୃଷ୍ଟିକର୍ତ୍ତାର ଆବଶ୍ୟକତାକୁ ଅନୁଭବ କରିଥାଏ । କିନ୍ତୁ ଆବଶ୍ୟକତାର ଅନୁଭବ କରିବା ଓ ସେ ପ୍ରକୃତପକ୍ଷେ ବିଦ୍ୟମାନ ଅଛନ୍ତି ଏବଂ **ଐନୁଲ୍ ୟକିନ୍** (ପ୍ରତ୍ୟକ୍ଷରେ ଦର୍ଶନ କରିବା) ପର୍ଯ୍ୟନ୍ତ ପହଞ୍ଚିବା, ଯେ ଯେଉଁ ଈଶ୍ୱରର ଆବଶ୍ୟକତା ସ୍ୱୀକାର କରାଯାଉଛି ତାହା ବାସ୍ତବରେ ବିଦ୍ୟମାନ, ଦୁଇଟି ଭିନ୍ନ ପ୍ରସଙ୍ଗ... । ସୁତରାଂ ନିଶ୍ଚିତ ରୂପେ ଜାଣିରଖ ଈଶ୍ୱରଙ୍କ ଏକତ୍ୱର ବିଶ୍ୱାସ କେବଳ ନବୀଙ୍କ ମାଧ୍ୟମରେ ହିଁ ଲାଭ ହୋଇଥାଏ... । ଅତଏବ ଆମମାନଙ୍କୁ ଆବଶ୍ୟକ ଯେ ଆମେ ସେହି ମହାନ ନବୀଙ୍କୁ ନିଷ୍ଠାପର ପ୍ରେମ କରିବା । ଚଳିତ ଯୁଗରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ହଜରତ ମୁହମ୍ମଦ[ସ.ଅ]ଙ୍କ ସଚ୍ଚୋଟ ଦାସଙ୍କୁ ଏକେଶ୍ୱରବାଦର ସ୍ଥାପନ ନିମନ୍ତେ ପ୍ରେରଣ କରିଛନ୍ତି ଓ ଆମେମାନେ ତାଙ୍କର **ବୈଅତ୍** (ଦୀକ୍ଷା) କରିଛେ । ଏଥିପାଇଁ ଆମମାନଙ୍କୁ ପୂର୍ଣ୍ଣ ପ୍ରଚେଷ୍ଟା କରିବା ଉଚିତ୍ ଯେ ଆମେ ଏହି କର୍ତ୍ତବ୍ୟ ସଠିକ୍ ରୂପେ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ରମଜାନର ଏହି ପବିତ୍ର ଦିନମାନଙ୍କରେ ବିଶେଷ ରୂପେ ଦୁଆ କରିବା ଉଚିତ୍ ଯେ ଏକେଶ୍ୱରବାଦର ସ୍ଥାପନ ନିମନ୍ତେ ଆମେ ସର୍ବାଗ୍ରେ ରହିବା । ଅଲ୍ଲାଃତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ମୁସଲମାନ ସମ୍ପ୍ରଦାୟ ପାଇଁ ବି ଦୁଆ କରିବେ ସେମାନେ ମଧ୍ୟ ପ୍ରକୃତ ଓ ସ୍ୱଚ୍ଛ ଏକେଶ୍ୱରବାଦକୁ ହୃଦୟଙ୍ଗମ କରି ତଦନୁଯାୟୀ କାର୍ଯ୍ୟ କରନ୍ତୁ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଜିକ୍ରୁଲ୍ଲାଃ ତାୟୁ ଅୟୁବ୍ ସାହେବ ମୁରବୀ ସିଲ୍ସିଲା ନାଇଜେରିୟାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ତାଙ୍କ **ନମାଜ୍ ଜନାଯାଃ ଗାଏବ୍** ପାଠ କରିବାର ଘୋଷଣା କଲେ ।

---

ଅଲ୍ହମ୍ଦୁ ଲିଲ୍ଲାହି ନହ୍ମଦୁହୁ ଓ୍ୱ ନସ୍ତଇନୁହୁ ଓନସ୍ତଗ୍ଫିରୁହୁ ଓନୁମିନୁ ବିହି ଓନତଓକ୍କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍ଲିଲ୍ହୁ ଫଲା ହାଦିୟା ଲହୁ ଓନଶ୍ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ଓ୍ୱନଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍ମକୁମୁଲ୍ଲାହା ଇନ୍ନଲ୍ଲାହା ୟାମୁରୁବିଲ୍ ଅଦ୍ଲେ ଓ୍ୱଲ୍ ଇହ୍ସାନି ଓ୍ୱଇତାଇଜିଲ କୁର୍ବା ଓ୍ୱୟନ୍ହା ଅନିଲ୍ ଫହ୍ଶାଇ ଓ୍ୱଲ୍ ମୁନ୍କରି ଓ୍ୱଲ୍ ବଗ୍ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉଯ୍କୁରୁଲ୍ଲାହା ୟଯ୍କୁରୁକୁମ୍ ଓଦ୍ଉହୁ ୟସ୍ତଜିବ୍ ଲକୁମ୍ ଓଲଯିକ୍ରୁଲ୍ଲାହି ଅକ୍ବର୍ ।

❋❋❋ ❋❋❋ ❋❋❋ ❋❋❋

Khulasa Khutba Juma Huzoor Anwar a.b.a

13th March 2026

*Translated to Odia by :* Moulavi Anwar Ahmad Khan